# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା

## (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ/ମହିଳା ଓ ଶିଶୁ ବିକାଶ ବିଭାଗ)

ବିଜ୍ଞପ୍ତି ସଂଖ୍ୟା: ୨୧୧/DCPU/2021 ତା : ୧୫.୦୭.୨୦୨୧ ରିଖ

**ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ଉପକୃତ ହେବା ପାଇଁ ପିତୃମାତୃହୀନ ଯୋଗ୍ୟ ଶିଶୁ ହିତାଧିକାରୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ**

ଏତଦ୍ୱାରା ରାୟଗଡା ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଓଡିଶା ସରକାରଙ୍କ ପକ୍ଷରୁ "ଆଶୀର୍ବାଦ" ନାମରେ ଏକ ନୂତନ ଯୋଜନା ଚଳିତ ମାସରୁ ଆରମ୍ଭ କରାଯାଇଛି। ଏହି ଯୋଜନାରେ ଗତ ୨୦୨୦ ମସିହା ଅପ୍ରେଲ ମାସ ପହିଲା ଦିନ ଅର୍ଥାତ ୧ ତାରିଖ ଦିନ ବା ତା ପରଠାରୁ ଯଦି ୧୮ ବର୍ଷ ବୟସରୁ କମ ବୟସର କୌଣସି ଶିଶୁ (୧) ପିତୃ ମାତୃହୀନ ହୋଇଛନ୍ତି (୨) ଗତ ଅପ୍ରେଲ ପହିଲା ୨୦୨୦ ମସିହା ପୂର୍ବରୁ ବାପା କିମ୍ବା ମା ଙ୍କ ମଧ୍ୟରୁ ଜଣେ ଓ ଗତ ଅପ୍ରେଲ ପହିଲା ୨୦୨୦ ମସିହା ପରେ ଜୀବିତ ଥିବା ଜଣକ ମୃତ୍ୟୁ ବରଣ କରିଥାନ୍ତି କିମ୍ବା ଅପ୍ରେଲ ପହିଲା ୨୦୨୦ ମସିହା ପରେ ପିତା ଓ ମାତା ଉଭୟ ଦୁଇ ଜଣଜାକଙ୍କର ଯେକୌଣସି କାରଣରୁ ମୃତ୍ୟୁ ହୋଇ ଥାଏ କିମ୍ବା (୩ ) ଗତ ଅପ୍ରେଲ ପହିଲା ୨୦୨୦ ମସିହା ପରେ ପରିବାରର ମୁଖ୍ୟ ରୋଜଗାରକ୍ଷମ ପିତା କିମ୍ବା ମାତାଙ୍କର ଯଦି ମୃତ୍ୟୁ ହୋଇଥାଏ, ତେବେ ସେହି ବର୍ଗ ର ଶିଶୁମାନଙ୍କୁ "ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁ" ବୋଲି ବିବେଚନା କରାଯାଇ ସେମାନଙ୍କର ଶିକ୍ଷାଦୀକ୍ଷା,ଭରଣପୋଷଣ ତଥା ସେବାଯତ୍ନ ପାଇଁ –ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ମାସିକ ଟ୨୫୦୦ଙ୍କା ଓ ପରିବାରର ମୁଖ୍ୟ ଉପାର୍ଜନକାରୀ ପିତା/ମାତାଙ୍କୁ ହରେଇଥିବା ଶିଶୁମାନଙ୍କୁ ମାସିକ ଟ୧୫୦୦ଙ୍କା ଶିଶୁମାନଙ୍କର ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଓଡିଶା ସରକାରଙ୍କ ଦ୍ୱାରା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ମାଧମରେ ହିତାଧିକାରୀଙ୍କ ବ୍ୟାଙ୍କ ଏକାଉଣ୍ଟ ଜରିଆରେ ପ୍ରଦାନ କରାଯିବ । ଉକ୍ତ ଯୋଜନାରେ ଉପକୃତ ହେବାପାଇଁ ପିତୃମାତୃହୀନ ଯୋଗ୍ୟ ଶିଶୁ ହିତାଧିକାରୀ ମାନଙ୍କ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଛି।

## କେମିତି ଆବେଦନ କରିବେ?

ଆଶୀର୍ବାଦ ଯୋଜନାରେ ଉପକୃତ ହେବା ପାଇଁ ଯୋଗ୍ୟ ଶିଶୁ ହିତାଧିକାରୀ ନିଜେ କିମ୍ବା ଜୀବିତ ଥିବା ମା କିମ୍ବା ଏଭଳି ଶିଶୁମାନଙ୍କର ଲାଳନପାଳନ କରୁଥିବା ଅଭିଭାବକ ତୁରନ୍ତ ନିଜ ନିଜ ବ୍ଲକର ସି.ଡି.ପି.ଓ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ରାୟଗଡାଙ୍କ ନିକଟରେ ଶିଶୁ ବା ଶିଶୁ ମାନଙ୍କର (୧ ) ବୟସ ପ୍ରମାଣ ପତ୍ର (ଜନ୍ମ ସାର୍ଟିଫିକେଟ କିମ୍ବା ଆଧାରକାର୍ଡ କିମ୍ବା ସ୍କୁଲ ସାର୍ଟିଫିକେଟ (୨ ) ପିତା ମାତା ଙ୍କ ମୃତ୍ୟୁ ସାର୍ଟିଫିକେଟ(୩) ଶିଶୁ,ସେମାନଙ୍କର ମା କିମ୍ବା ଅଭିଭାବକ ଙ୍କ ନାମରେ ଥିବା ବ୍ୟାଙ୍କ ଖାତାର ନକଲ ଓ (୪) ପ୍ରତ୍ୟେକ ଶିଶୁର ଦୁଇଗୋଟି ରିସେଣ୍ଟ କଲର ଫଟୋ ଆବେଦନ ପତ୍ର ସହ ସଂଲଗ୍ନ କରି ଦାଖଲ କରି ପାରିବେ। ନିଜ ନିଜ ବ୍ଲକର ସି.ଡି.ପି.ଓ ଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,ରାୟଗଡାଙ୍କ କାର୍ଯ୍ୟାଳୟ କିମ୍ବା ରାୟଗଡା ଜିଲ୍ଲା ଅଫିସିଆଲ ୱେବ ସାଇଟ ରେ ଆବେଦନ ଫର୍ମ ଉପଲବ୍ଧ ଅଟେ ।

ଅଧିକ ସୂଚନା ପାଇଁ ଯୋଗାଯୋଗ ନମ୍ବର: ୦୬୮୫୬-୨୨୩୬୫୬/ ୭୦୦୮୩୫୦୮୨୦/୯୪୩୯୧୮୮୪୬୨ ।

ଜିଲ୍ଲାପାଳ, ରାୟଗଡା
COLLECTOR RAYAGADA
ତା ୧୫/୭/୨୦୨୧ ରିଖ

# ଆଶୀର୍ବାଦ ଯୋଜନାରେ ସହାୟତା ପାଇଁ ଆବେଦନ ଫର୍ମ

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ , ରାୟଗଡା, ଫୋନ : ୦୬୮୫୬-୨୨୩୬୫୬

ମହିଳା ଓ ଶିଶୁ ବିକାଶ ବିଭାଗ , ଓଡିଶା ସରକାର

୧. ହିତାଧିକାରୀ ଶିଶୁ ର ନାମ :______________________________

୨. ବାପାଙ୍କ ନାମ____________________ ମା ଙ୍କ ନାମ ____________________

୩. ହିତାଧିକାରୀ ଶିଶୁ ର ଜନ୍ମ ତାରିଖ (ସ୍କୁଲ ସାର୍ଟିଫିକେଟ / ଆଧାର କାର୍ଡ ଅନୁଯାୟୀ) :____________________

୪. ବର୍ତ୍ତମାନ ବୟସ : ବର୍ଷ :______ମାସ_______ ଦିନ______

୫. ବର୍ତ୍ତମାନ ଶିଶୁ ଜଣଙ୍କ ପାଠ ପଢୁଥିଲେ, କେଉଁ ଶ୍ରେଣୀରେ ☐ ସ୍କୁଲର ନାମ:______________ ସ୍ଥାନ__________

୬. ପଢା ଛାଡି ଦେଇଥିଲେ, କେଉଁ ଶ୍ରେଣୀରୁ __________ କେବେଠୁ__________ ବର୍ତ୍ତମାନ କଣ କରୁଛନ୍ତି :____________

୭. ହିତାଧିକାରୀ କେଉଁ ବର୍ଗରେ ସହାୟତା ପାଇବା ପାଇଁ ଯୋଗ୍ୟ ?

ପିତୃମାତୃହୀନ ଶିଶୁ ☐

ରୋଜଗାରକ୍ଷମ ପିତାଙ୍କୁ ହରେଇ ଥିବା ଶିଶୁ ☐

ରୋଜଗାରକ୍ଷମ ମାତାଙ୍କୁ ହରେଇ ଥିବା ଶିଶୁ ☐

ହିତାଧିକାରୀ ଶିଶୁ ଜଣକର ଦୁଇଟି କଲର ଫଟୋ

୮. ପିତାଙ୍କ ମୃତ୍ୟୁ ତାରିଖ : ☐ ମାତାଙ୍କ ମୃତ୍ୟୁ ତାରିଖ: ☐

୯. ହିତାଧିକାରୀ ଶିଶୁ ଜଣକ ଏବେ କାହା ହେପାଜତରେ ରହୁଛନ୍ତି ?

ନାମ:____________________ , ସମ୍ପର୍କ :____________________ , ବୟସ :__________

ସମ୍ପୂର୍ଣ୍ଣ ଠିକଣା :______________________________, ଫୋନ ନଂ :____________

୧୦. ହିତାଧିକାରୀ ଶିଶୁ ଜଣକର ବ୍ୟାଙ୍କ ଖାତା ଅଛି କି ? ଯଦି "ହଁ" , ତେବେ

ଖାତାଧାରୀଙ୍କ ନାମ :____________________ , ଆକାଉଣ୍ଟ ନମ୍ବର:____________________

ବ୍ୟାଙ୍କର ନାମ :____________________ , IFS Code:____________________

୧୧. ହିତାଧିକାରୀ ଶିଶୁ ଜଣକର ଯଦି ବ୍ୟାଙ୍କ ଖାତା ନାହିଁ , ତେବେ ସେ ଯାହା ପାଖରେ ରହୁଛନ୍ତି (ଉପରେ ଲିଖିତ କ୍ର.ସଂ- ୯ ପ୍ରକାରେ),ତେବେ

ଅଭିଭାବକଙ୍କ ନାମ :____________________ , ଆକାଉଣ୍ଟ ନମ୍ବର:____________________

ବ୍ୟାଙ୍କର ନାମ :____________________ , IFS Code:____________________

୧୨. ଆବେଦନ ପତ୍ର ସହ ନିମ୍ନରେ ଦର୍ଶାଯାଇଥିବା ନଥିପତ୍ରର ଅବିକଳ ନକଲ ଦାଖଲ କରିଛନ୍ତି କି ? :

ହିତାଧିକାରୀ ଶିଶୁ ଜଣକର ବୟସ ପ୍ରମାଣପତ୍ର [ଜନ୍ମ ପ୍ରମାଣ ପତ୍ର /ଆଧାର କାର୍ଡ / ସ୍କୁଲ ସାର୍ଟିଫିକେଟ] : ☐ ଫଟୋ (୨ ଗୋଟି): ☐

ପିତା/ମାତା/ଉଭୟଙ୍କ ମୃତ୍ୟୁ ପ୍ରମାଣପତ୍ର : ☐ ବ୍ୟାଙ୍କ ଖାତା : ☐

## ସତ୍ୟପାଠ :

ମୁଁ ସତ୍ୟପାଠ କରୁଛି କି ମୋ ଦ୍ୱାରା ଦିଆ ଯାଇଥିବା ଉପରୋକ୍ତ ତଥ୍ୟାବଳୀ ମୋ ଜ୍ଞାତସାରରେ ସଠିକ ଅଟେ ।

ତାରିଖ:__________ ହିତାଧିକାରୀ ବା ଆବେଦନକାରୀ ବା ଅଭିଭାବକଙ୍କ ଦସ୍ତଖତ ଅଥବା ଟିପ ଚିହ୍ନ

..........................................................................................................

## ଆବେଦନ ପତ୍ର ପ୍ରାପ୍ତି ସ୍ୱୀକାର

ହିତାଧିକାରୀ ____________________ଙ୍କ ଠାରୁ ମୁଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ , ରାୟଗଡାଙ୍କ ତରଫରୁ ଆବେଦନ ପତ୍ର ଓ ସମସ୍ତ ସହାୟକ ନଥି ପତ୍ର ଗ୍ରହଣ କଲି ।

ତାରିଖ : ଅଫିସ ଷ୍ଟାମ୍ପ ଦସ୍ତଖତ